# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1061 CUTTACK, TUESDAY, AUGUST 18, 2020/SRAVANA 27, 1942**


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ

### (ଭୂ-ଅର୍ଜନ ଉପବିଭାଗ)

### ଘୋଷଣା

**ବିଜ୍ଞପ୍ତି ସଂଖ୍ୟା - ୮୩୪ ତାରିଖ - ୦୧.୦୭.୨୦୨୦ ସୁନ୍ଦରଗଡ**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-**ପଦମପୁର,** ତହସିଲ- କୁଆଁରମୁଣ୍ଡା, ଥାନା- ବିରମିତ୍ରପୁର, ଜିଲ୍ଲା-ସୁନ୍ଦରଗଡରେ ନିମ୍ନ ସୂଚିତ-"କ" ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୨୮ ତା. ୧୫.୧୧.୨୦୧୯ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ପଦମପୁର,** ତହସିଲ- କୁଆଁରମୁଣ୍ଡା, ଥାନା- ବିରମିତ୍ରପୁର, ଜିଲ୍ଲା-ସୁନ୍ଦରଗଡରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ

କୌଣସି ଜମି ଚିହ୍ନଟ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.sundergarh.nic.in ରେ ଓ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି ।

**ତଫସିଲ-"କ"**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା-ସୁନ୍ଦରଗଡ** **ତହସିଲ-କୁଆଁରମୁଣ୍ଡା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପଦମପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | | | | ୦.୯୯୫ | ଏଥି ସହିତ ସଂଲଗ୍ନ |

**ତଫସିଲ - "ଖ"**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ - ୧୪.୧୧.୨୦୨୦

# ସଂପୃକ୍ତ ଜମି ବିବରଣୀ

**ଗ୍ରାମ- ପଦମପୁର** **ତହସିଲ- କୁଆଁରମୁଣ୍ଡା** **ଜିଲ୍ଲା-ସୁନ୍ଦରଗଡ**

| କ୍ର· ନଂ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨୯ | ୭୭୬ | ଗୋଡା-୧ | ୨·୪୮ | ୦·୧୦୫ | ଗୋଷନାର ମୁଣ୍ଡା, ସାମେଲ ମୁଣ୍ଡା, ପିତା-କେହ୍ଲା ମୁଣ୍ଡା, ମନବୋଧ ମୁଣ୍ଡା, ପେମସୁକ ମୁଣ୍ଡା, ପିତା-ମୁଣ୍ଡରା ମୁଣ୍ଡା, ଜାତି-ମୁଣ୍ଡା, ବା-ନିଜଗାଁ |
| ୨ | ୧୩୧ | ୭୭୫ | ଗୋଡା-୧ | ୨·୩୬ | ୦·୮୯ | ସୁରେଶ ମୁଣ୍ଡା, ସୁନିଲ ମୁଣ୍ଡା, ପ୍ରେମଚାନ୍ଦ ମୁଣ୍ଡା, ଲଲେନ ମୁଣ୍ଡା, ପିତା-ଶେଷ ମୁଣ୍ଡା, ଲେହନ ମୁଣ୍ଡା, ସ୍ୱା-ଶେଷ ମୁଣ୍ଡା, ହଲିନା ମୁଣ୍ଡା, ପିତା-ଘୁସା ମୁଣ୍ଡା, ପ୍ରଭୁସାଇ ମୁଣ୍ଡା, ପିତା-ବିର୍ସା ମୁଣ୍ଡା, ଜାତି- ମୁଣ୍ଡା ଖ୍ରୀଷ୍ଟିୟାନ, ବା-ନିଜଗାଁ (କେଉଁଟେନପୋଷ) |
| **ମୋଟ** | | | | | **୦·୯୯୫** | |

ରାଜ୍ୟପାଳଙ୍କ ଆଦେଶକ୍ରମେ

**ନିଖିଲ ପବନ କଲ୍ୟାଣ**

**ଜିଲ୍ଲାପାଳ, ସୁନ୍ଦରଗଡ**

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 467—173+20